# ରାଜ୍ୟ ସିଲେକ୍ସନ ବୋର୍ଡ, ଓଡିଶା ପୋଲିସ, କଟକ

## କନେଷ୍ଟବଳ ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞାପନ

ରାଜ୍ୟ ଆରକ୍ଷୀ ବିଭାଗରେ ନିମ୍ନଲିଖିତ ଜିଲ୍ଲା/ଆରକ୍ଷୀ ଜିଲ୍ଲା/ପୋଲିସ କମିଶନରେଟ୍‌ରେ ଖାଲିଥିବା ୧୮୭୮ଟି କନେଷ୍ଟବଳ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତଗୁଡିକ ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ/ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ତା-୧୫.୪.୨୦୧୧ ରିଖ (ପନ୍ଦର ଏପ୍ରିଲ ଦୁଇ ହଜାର ଏଗାର ମସିହା) ସୁଦ୍ଧା ପହଞ୍ଚିବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ପ୍ରାର୍ଥୀ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମାରେ ଥିବା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରୁ ଏବଂ ପୋଲିସ କମିଶନର ଅଫିସ, ଭୁବନେଶ୍ୱରରୁ ଫର୍ମ ସଂଗ୍ରହ କରିପାରିବେ । ଏହାବ୍ୟତୀତ ଏହି ଫର୍ମ ଓଡିଶା ପୁଲିସ ଏକାଡେମୀ ୱେବ ସାଇଟ୍ (www.bpspaorissa.gov.in) ରୁ ଡାଉନ ଲୋଡ କରିହେବ । ଅନ୍ୟ କୌଣସି ଫର୍ମ ଗ୍ରହଣ ଯୋଗ୍ୟ ନୁହେଁ । ପ୍ରାର୍ଥୀ ଫର୍ମର ମୂଲ୍ୟ ବାବଦରେ ଟ.୨୫/- (ପଚିଶ ଟଙ୍କା ମାତ୍ର) ର ବ୍ୟାଙ୍କ ଡ୍ରାପ୍‌ଟ କିମ୍ବା ପୋଷ୍ଟାଲ ଅର୍ଡର ଜରିଆରେ ଫର୍ମ କିଣିବା ସମୟରେ ପଇଠ କରିବେ । ୱେବ ସାଇଟ୍‌ରୁ ଡାଉନ୍ ଲୋଡ୍ କରି ଫର୍ମ ଦେଇଥିବା ପ୍ରାର୍ଥୀ, ଫର୍ମ ସହିତ ଏହି ମୂଲ୍ୟର ଡ୍ରାଫ୍‌ଟ କିମ୍ବା ପୋଷ୍ଟାଲ ଅର୍ଡର ସଂଲଗ୍ନ କରିବେ । ଡ୍ରାଫ୍‌ଟ ତଥା ପୋଷ୍ଟାଲ ଅର୍ଡର "Chairman, State Selection Board, Odisha Police, Cuttack" ନାମରେ ଏବଂ Payable at Cuttack କରାଯିବ ।

**୧. ଖାଲିଥିବା ପଦବୀ ସଂଖ୍ୟା :**

| କ୍ରମିକ ସଂଖ୍ୟା | ପୋଲିସ କମିଶନରେଟ୍‌ର ନାମ/ ଜିଲ୍ଲା/ଆରକ୍ଷୀ ଜିଲ୍ଲା | ବିଭିନ୍ନ ବର୍ଗର ସଂରକ୍ଷଣ ଓ ଖାଲିଥିମା ପଦବୀ ସଂଖ୍ୟା | | | | ସମୁଦାୟ ଖାଲିଥିବା ପଦବୀ ସଂଖ୍ୟା |
|---|---|---|---|---|---|---|
| | | S.C. | S.T. | SEBC | UR | |
| 1. | **ପୁଲିସ୍ କମିଶନରେଟ, କଟକ - ଭୁବନେଶ୍ୱର** | 66 | 92 | 110 | 139 | 407 |
| 2. | ଜଗତସିଂହପୁର | 14 | 19 | 23 | 30 | 86 |
| 3. | ଯାଜପୁର | 12 | 17 | 21 | 26 | 76 |
| 4. | ନୟାଗଡ | 08 | 12 | 14 | 18 | 52 |
| 5. | କେନ୍ଦ୍ରାପଡା | 12 | 17 | 20 | 25 | 74 |
| 6. | ପୁରୀ | 14 | 19 | 23 | 29 | 85 |
| 7. | ଖୋର୍ଦ୍ଧା | 04 | 05 | 06 | 07 | 22 |
| 8. | ବାଲେଶ୍ୱର | 06 | 09 | 11 | 13 | 39 |
| 9. | ଭଦ୍ରକ | 03 | 04 | 04 | 05 | 16 |
| 10. | ମୟୁରଭଞ୍ଜ | 14 | 19 | 23 | 29 | 85 |
| 11. | ଗଞ୍ଜାମ | 07 | 10 | 12 | 15 | 44 |
| 12. | ବ୍ରହ୍ମପୁର | 04 | 06 | 07 | 09 | 26 |
| 13. | ବୌଦ୍ଧ | 06 | 08 | 10 | 13 | 37 |
| 14. | କନ୍ଧମାଳ | 09 | 12 | 15 | 19 | 55 |
| 15. | ଅନୁଗୁଳ | 13 | 18 | 22 | 27 | 80 |

